# Akashvani, Sambalpur

## SAMBALPURI NEWS EVENING BULLETIN

## 24 February 2026-7.02- 7.12 pm.

---

୧- ନୂଆଦିଲ୍ଲୀ ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ସେବା ତୀର୍ଥ ନ ଆଏଜ୍ ବସ୍‌ଲା କେନ୍ଦ୍ର କେବିନେଟ୍‌ର ପହେଲା ବୈଠକ୍ ।

- ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍‌କେ ମିଲ୍‌ଲା ଅନୁମୋଦନ୍ ।

୨- ବିଧାନ୍‌ସଭା ନ ଆଏଜ୍ ଭିଲ୍ ବିରୋଧୀ ସଦସ୍ୟମାନ୍‌କର୍ କିର୍ଲାଗଗା ଜାରି ।

- ମାର୍ଚ୍ଚ ୩୧ ତାରିଖ୍‌ତକ୍ ସବୁ ପଞ୍ଜିକୃତ ଚାଷୀଙ୍କର୍ ଧାନ୍ ଘିନାଯିବା- ଗୃହ ନ ଉତର୍ ରଖ୍‌ଲେ ଖାଦ୍ୟ ଯୋଗାଣମନ୍ତ୍ରୀ ।

୩- ଖୋବ୍ ଜଲ୍‌ଦି ଓଡ଼ିଶା ପୂର୍ବ ଭାରତ୍‌ର ପ୍ରମୁଖ ଦୁଃସାହସିକ୍ ପର୍ଯ୍ୟଟନ କେନ୍ଦ୍ର ହେବା- କହେଲେ ଉପମୁଖ୍ୟମନ୍ତ୍ରୀ ।

ଆଉର୍

୪- ଆଏଜ୍ ଠାନୁ ନୀଳାଦ୍ରୀ ବିଜେତକ୍ କରାଯିବା ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଅଲଙ୍କାର୍‌ର ଗନ୍‌ତିମନ୍‌ତି- ସାମିଲ୍ ହେବେ ୨ ଟା ଦଲ୍ ।

କେନ୍ଦ୍ର କେବିନେଟ୍ ବୈଠକ୍ ଏନ୍ଏସ୍ଡି

ନୂଆଦିଲ୍ଲୀ ନ ପ୍ରଧାନ୍ମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ସେବା ତୀର୍ଥ ନ ଆଏଜ୍ କେନ୍ଦ୍ର କେବିନେଟ୍ର ପହେଲା ବୈଠକ୍ ହେଇଯାଇଛେ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ବହୁତ୍ଟେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ମଞ୍ଜୁର୍ କରାଯାଇଛେ । ବୈଠକ୍ଥି କେରଳର ନାଁ ବଦ୍ଲେଇକରି କେରଳମ୍ ରଖ୍ବାର୍ ପ୍ରସ୍ତାବ୍କେ ଅନୁମୋଦନ୍ ମିଲିଛେ । ଇତାର୍ସହେତେ ୨୦୨୬-୨୭ ବଛ୍ରେ ଝୋଟ ର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ୍ ପିଛା ୨ ଶହ ୭୫ ଟଙ୍କା ବଢ଼େଇକରି ୫ ହଜାର୍ ୯ ଶହ ୨୫ ଟଙ୍କା କର୍ବାର୍ ପ୍ରସ୍ତାବ୍କେ ଅନୁମୋଦନ୍ କରାଯାଇଛେ ।

କେବିନେଟ୍ ବୈଠକ୍ ବାବ୍ଦେ ସୂଚ୍ନା ଦେଇକରି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, ୨୦୪୭ ମସିହାତକ୍ ଭାରତ୍କେ ଗୁଟେ ସମୃଦ୍ଧ, ସକ୍ଷମ ଆଉ ସ୍ୱାବଲମ୍ବୀ ରାଷ୍ଟ୍ର ବନାବାର୍ ଯାତ୍ରାଥି ସେବାତୀର୍ଥ ଜାତୀୟ ଆକାଂକ୍ଷାର୍ ଗୁଟେ ଶକ୍ତିଶାଳୀ କେନ୍ଦ୍ର ଭାବେ କାମ୍ କର୍ବା ବଲି ଆଝିରର୍ ବୈଠକ୍ଥି ସଂକଳ୍ପ ନିଆଯାଇଛେ । ସେବାତୀର୍ଥ ନ ନିଆଯାଇଥିବା ଫି' ନିଷ୍ପତି ନାଗରିକ ଦେବୋଭବ ଭାବ୍ନା

ନେଇକରି ଶହେ ୪୦ କୋଟି ଭାରତୀୟଙ୍କର୍ ଲାଗି ସେବା ମନୋଭାବ୍‌ଥି ଅନୁପ୍ରାଣିତ ହେବା ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୭ ନମ୍ବର୍ ଦିନେ ଆଏଜ୍ ଭିଲ୍ ବିରୋଧୀ ସଦସ୍ୟମାନ୍‌କର୍ କିର୍ଲାଗଗା ଲାଗି ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ସଖାଲ୍‌ବେଲା ପ୍ରଶ୍ନକାଳ ମୁଲ୍ ହେଉନ୍‌ସାର୍ ବିଜେଡ଼ି ଆର୍ କଂଗ୍ରେସ୍ ସଦସ୍ୟମାନେ ଗୃହ ମଝାକେ ଯାଇକରି ହୋହଲ୍ଲା କରିଥିଲେ । ବାଚସ୍ପତି ସୁରମା ପାଢ଼ୀ ସାଢ଼େ ୧୧ ବଜେତକ୍ ଗୃହକେ ମୁଲ୍‌ତବୀ ରଖିଥିଲେ । ତାର୍‌ପରେ ବଜେ ଗୃହକାର୍ଯ୍ୟ ମୂଲ୍ ହଉନ୍‌ସାର୍ ସମାନ୍ ଥିତି ଲାଗି ରହେବାର୍‌ନୁ ବାଚସ୍ପତି ୧୨ ବାଜିକରି ୫ ମିନିଟ୍‌ତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ଫେର୍ କିର୍ଲାଗଗା ଲାଗି ୪ ବଜେ ତକ୍ ଗୃହକାର୍ଯ୍ୟ ମୁଲ୍‌ତବୀ ହେଇଥିଲା । ୪ ବଜେ ଗୃହକାର୍ଯ୍ୟ ମୁଲ୍ ହେଇକରି କିଛି ସମିଆତକ୍ କାମ୍ ଚାଲିଥିଲା । ବିରୋଧୀଙ୍କର୍ ହୋହଲ୍ଲା ଭିତ୍‌ରେ ମନ୍ତ୍ରୀମାନେ ସଦସ୍ୟମାନ୍‌କର୍ ଭିନ୍ ଭିନ୍ ପ୍ରଶ୍ନର୍ ଉତର୍ ରଖିଥିଲେ ।

ବିଧାନ୍‌ସଭା- ମୁଲ୍‌ତବୀ ପ୍ରସ୍ତାବ୍ ଭୁବନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ମାର୍ଚ୍ଚ ୩୧ ତାରିଖ୍‌ତକ୍ ସବୁ ପଞ୍ଜିକୃତ ଚାଷୀଙ୍କର୍ ଧାନ୍ ଘିନ୍‌ବେ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ବିଧାନ୍‌ସଭା ନ ଆଏଜ୍ ବିରୋଧୀ କଂଗ୍ରେସ୍ ତର୍‌ଫୁ ଆଗତ୍ ମୁଲ୍‌ତବୀ ପ୍ରସ୍ତାବ୍ ଆଲୋଚନାଥି ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ଚଲ୍‌ତି ଖରିଫ୍ ଋତୁଥି ଏବ୍‌ତକ୍ ଚାଷୀମାନ୍‌କର୍ ଠାନୁ ୬୪ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନାଯାଇକରି ସେମାନ୍‌କର୍ ବେଙ୍କ୍ ଏକାଉଂଟ୍‌କେ ୧୮ ହଜାର୍ ୫ ଶହ ୮୬ କୋଟି ଟଙ୍କା ପଠାଯାଇଛେ । ଇଥର ରାଏଜେ ୧୯ ଲାଖ୍ ୬୮ ହଜାର୍ ଚାଷୀ ପଞ୍ଜିକରଣ୍ କରିଛନ୍ । ଯେନ୍‌ଟାକି ଆଘର୍ ବଛର୍‌ଠାନୁ ୧୨ ପ୍ରତିଶତ୍ ଅଏତ୍‌କା ଆଏ । ଇଥର ରାଏଜେ ଝନେ ଭିଲ୍ ଚାଷୀର୍ ଟୋକନ୍ ଲେପ୍ସ ନାଇଁ ହୁଏ । ଧାରିଜ୍ ସମିଆ ଭିତ୍‌ରେ ସବୁ ଚାଷୀଙ୍କର୍ ଧାନ୍ ଘିନାଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ମନ୍ତ୍ରୀଙ୍କର୍ ଉତର୍ ଉତ୍‌ରୁ ବାଚସ୍ପତି ବିରୋଧୀ ସଦସ୍ୟଙ୍କର୍ ମୁଲ୍‌ତବୀ ପ୍ରସ୍ତାବ୍‌କେ ଅଗ୍ରାହ୍ୟ କରିଥିଲେ ।

ବିଧାନ୍‌ସଭା-ପଂଚାୟତ୍ ନିର୍ବାଚନ          ଏକ୍ସ

ରାଏଜେ ୨୦୨୭ ମସିହା ଫେବୃଆରୀ ମାସ୍ ଆଘୋନୁ ପଂଚାୟତ୍ ନିର୍ବାଚନ୍ ନାଇଁ ହୁଏ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ବିଧାନ୍‌ସଭା ନ କହିଛନ୍ । ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, ଧାରିଜ୍ ସମିଆ ଭିତ୍‌ରେ ପଂଚାୟତ୍ ନିର୍ବାଚନ୍ କରାଯିବା । ଇହାଦେ ଇ ବାବ୍‌ଦେ କେନ୍‌ସି ନିଷ୍ପତି ନାଇଁ ନିଆଯାଇ । ପଂଚାୟତ୍ ନିର୍ବାଚନ୍ ଆଘୋନୁ ପଂଚାୟତ୍ କି ବ୍ଲକ୍‌ର ପୁନର୍ଗଠନ୍ ଭିଲ୍ ନାଇଁ ହୁଏ ।  ସାମ୍ବିଧାନିକ୍ କଟ୍‌କନା ଆଉ ବର୍ତମାନ୍‌ର ଜନସଂଖ୍ୟାର୍ ତଥ୍ୟ ଅଭାବ୍ ଲାଗି ଇ ବାବ୍‌ଦେ ନିଷ୍ପତି ନିଆଯାଇ ନାଇଁ ପାରେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ ଗୃହ ନ ସୂଚ୍‌ନା ଦେଇଛନ୍ ।

ବିଧାନ୍‌ସଭା- ଘର୍ ବଂଟନ୍          ଏକ୍ସ

ରାଜ୍ୟ ସର୍‌କାର୍ ୨୦୨୪-୨୫ ଆର୍ଥିକ୍ ବଛର୍‌ନୁ ଏବ୍‌ତକ୍ ଭିନ୍ ଭିନ୍ ଗ୍ରାମୀଣ ଗୃହ ନିର୍ମାଣ ଯୋଜ୍‌ନାଥି  ୨ ଲାଖ୍ ୮୧ ହଜାର୍ ୭ ଶହ ୩ ଟା ପରିବାର୍‌କେ ପକ୍କା ଘର୍ ମଞ୍ଜୁର୍ କରିଛନ୍ ବଲି

ପଂଚାୟତିରାଜ୍ ଆଉ ପାନୀୟ ଜଲ ଯୋଗାଣ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ବିଧାନ୍‌ସଭା ନ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତରଥି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ଇ ସମିଆ ଭିତ୍‌ରେ ୩ ଶହ ୬ ଟା ଭୂମିହୀନ ପରିବାର୍‌କେ ଜମି ଯୁଗେଇ ଦିଆଯାଇଛେ । ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାଥି ୧ ଲାଖ୍ ୫୮ ହଜାର୍ ୬ ଶହ, ପ୍ରଧାନ୍‌ମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜ୍‌ନାଥି ୨୮ ଲାକ୍ ୭ ହଜାର୍ ୨ ଶହ ୭୧ ଟା ପରିବାର୍‌କେ ଘର୍ ଦିଆଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ଅଂଶୁଘାତ ବୈଠକ୍-ରାଜସ୍ୱ ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଅଂଶୁଘାତ୍ ମୁକାବିଲା ଲାଗି ଆଏବା ହପ୍ତାଥି ପ୍ରସ୍ତୁତି ବୈଠକ୍ ହେବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ବୈଠକ୍‌ଥି ତାଙ୍କର୍ ବିଭାଗ୍ ସହେତେ ପଂଚାୟତିରାଜ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ଭିଲ୍ ସାମିଲ୍ ହେବେ । ଅଂଶୁଘାତ୍ ସହେତେ ପାଏନ୍‌ବୁଡ଼ି, ସାଁପ୍‌ଚବାକେ ନେଇକରି ଭିଲ୍ ବୈଠକ୍‌ଥି ଆଲୋଚନା କରାଯିବା । ଅଂଶୁଘାତ୍ ବେଶୀ

ହଉଥିବା ଇଲାକାମାନ୍‌କୁ ଚିହ୍ନଟ୍ କରିକରି ସେନ ଅଏତ୍‌କା ତୟାରି କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ପରାମର୍ଶ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଗୋ ଏଡ୍‌ଭେନ୍‌ଚର୍ ପୋର୍ଟାଲ୍        ଆଇ.ଆଣ୍ଡ୍.ପି.ଆର୍

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ଗୋ ଏଡ୍‌ଭେନ୍‌ଚର୍ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ଭାରତୀୟ ପର୍ବତାରୋହୀ ସଂଘ ଆଉ ଏରୋକ୍ଲବ୍ ଅଫ୍ ଇଣ୍ଡିଆ ଭିତ୍‌ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଯାଇଛେ । ବୁଝାମଣାପତ୍ର ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ଖୋବ୍ ଜଲ୍‌ଦି ଓଡ଼ିଶା ପୂର୍ବ ଭାରତ୍‌ର ପ୍ରମୁଖ ଦୁଃସାହସିକ୍ ପର୍ଯ୍ୟଟନ କେନ୍ଦ୍ର ହେବା । ଦୁଃସାହସିକ ପର୍ଯ୍ୟଟନ୍ କ୍ଷେତ୍ରର୍ ବିକାଶ୍ ଲାଗି ରାଜ୍ୟ ସର୍‌କାର୍ ସବୁବେଲେ ଅଏତ୍‌କା ଧ୍ୟାନ୍ ଦଉଛନ୍ । ଇ କ୍ଷେତ୍ର ରାଜ୍ୟର୍ ଯୁବଉଦ୍ୟୋଗୀମାନ୍‌କୁ ନିବେଶ୍ କର୍‌ବାର୍‌କେ ଆକର୍ଷିତ୍ କର୍‌ବା । ଦୁଃସାହସିକ ପର୍ଯ୍ୟଟନ୍ ଓଡ଼ିଶାର୍

ପର୍ଯ୍ୟଟନ୍ କ୍ଷେତ୍ରଥି ଗୁଟେ ନୂଆଁ ଅଧ୍ୟାୟ ସୃଷ୍ଟି କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ଇଞ୍ଜିନିୟରିଂ କଲେଜ୍ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ୪ ଟା ନୂଆଁ ବିଶ୍ୱବିଦ୍ୟାଲୟ ଆଉ ୨ ଟା ଇଞ୍ଜିନିୟରିଂ କଲେଜ୍ ଥାପ୍‌ନା କର୍‌ବାର୍‌କେ ଇ ବଛର୍ ବଜେଟ୍‌ଥି ସର୍‌କାର୍ ଘୋଷ୍‌ନା କରିଛନ୍ । ସର୍‌କାର୍‌ଙ୍କର୍ ଘୋଷ୍‌ନା ଉତ୍‌ରୁ ଶିଳ୍ପ, ଦକ୍ଷତା ବିକାଶ ଆଉ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଇ ଦିଗେ ତୁର୍‌ତି ପଦକ୍ଷେପ୍ ନେବାର୍‌କେ ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍‌ର ଆୟୁକ୍ତ ଆଉ ସଚିବ ମାନ୍‌କୁ ଚିଠି ଲେଖିଛନ୍ । ପାରାଦ୍ୱୀପ୍ ଆଉ ବଲାଙ୍ଗିର୍ ଜିଲ୍ଲା ନ ୨ ଟା ନୂଆଁ ସର୍‌କାରୀ ଇଞ୍ଜିନିୟରିଂ କଲେଜ୍ ଥାପ୍‌ନା ଲାଗି ଆନୁସଙ୍ଗିକ ପଦକ୍ଷେପ୍ ନେବାର୍‌କେ ଦୁହି ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ।

ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍ତିମନ୍ତି ଏକ୍ସ/ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିରର୍ ରତ୍ନଭଣ୍ଡାର୍ର ଅଲଙ୍କାର୍ର ଗନ୍ତିମନ୍ତି କେ ନେଇକରି ରାଜ୍ୟ ସର୍କାର୍ଙ୍କର୍ ଅନୁମୋଦିତ ମାର୍ଗଦର୍ଶିକା ଉପ୍ରେ ଶ୍ରୀମନ୍ଦିର୍ ସଭାଗୃହ ନ ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍ଥି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ । ଇ ବାବ୍ଦେ ସୂଚ୍ନା ଦେଇକରି ଶ୍ରୀ ପାଢ଼ୀ କହିଛନ୍, ରତ୍ନ ଅଲଙ୍କାର୍ ଗନ୍ତିମନ୍ତି ଲାଗି ୨ ଟା ଟିମ୍ ଗଠନ୍ ହେଇଛେ । ଦୁହିଟା ଯାକ ଟିମ୍ର ନେତୃତ୍ୱ ସେ ନିଜେ ନେବେ । ଆଏଜ୍ଠାନୁ ନୀଳାଦ୍ରୀବିଜେତକ୍ ଶହେ ୩୫ ଦିନ୍ ଭିତ୍ରେ ଗନ୍ତିମନ୍ତି କରାଯିବା । ସେଥିର୍ଭିତ୍ରୁ ଶହେ ଦିନ୍ ଶ୍ରୀମନ୍ଦିର୍ ନ ବହୁତ୍ ନୀତି ଥିବାର୍ନୁ ଗନ୍ତି ହେଇନାଇଁପାରେ । ଗନ୍ତି ମନ୍ତିଥି ଭାରତୀୟ ଷ୍ଟେଟ୍ବେଙ୍କ୍ର ପେନେଲ୍ଥି ଥିବା ୬ ଝନ୍ ସୁନାରୀଙ୍କୁ ସାମିଲ୍ କରାଯିବା । ଝନେ ଜେମୋଲୋଜିଷ୍ଟ ଆର୍ ଭାରତୀୟ ରିଜର୍ଭ ବେଙ୍କ୍ର ୨ ଝନ୍ ଅଧିକାରୀ ଭିଲ୍ ସାମିଲ୍ ରହେବେ । ୨ ଝନ୍ ବିଶେଷଜ୍ଞ ଫଟୋଗ୍ରାଫର୍ ସବୁ ରେକର୍ଡ଼ କର୍ବେ । ସବୁ ବ୍ୟବସ୍ଥାର୍ ଡିଜିଟାଲ୍ କରଣ୍ କରାଯିବା ବଲି ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ କହିଛନ୍ ।

(ଭଏସ୍ ଓଭର୍- ଅରବିନ୍ଦ୍ର ପାଢ଼ୀ)

ସେଆଡ଼େ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ପରିସର୍ ନ ଆଏଜ୍ ସଞ୍ଜବେଲା ଛତିଶା ନିଯୋଗ୍ର ବୈଠକ୍ଥି ଦୋଳପୂର୍ଣ୍ଣିମା ଅବ୍ସରେ ହେବାର୍କେ ଥିବା ନୀତିକାନ୍ତି ବାବ୍ଦେ ଆଲୋଚନା କରାଯାଇଛେ ।

ଲକ୍ଷ୍ମୀକାନ୍ତ ମହାପାତ୍ର ଶ୍ରାଦ୍ଧବାର୍ଷିକୀ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଆ ସାହିତ୍ୟର ଅନନ୍ୟ ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର୍ ଶ୍ରାଦ୍ଧବାର୍ଷିକୀ ଅବ୍ସରେ ରାଜ୍ୟବାସୀ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଇ ଅବ୍ସରେ ବିଧାନ୍ସଭା ପରିସର୍ ନ ଥିବା ତାଙ୍କର୍ ପ୍ରତିମୂର୍ତିଥି ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ଅଲ୍ଗା ମାନେ ଫୁଲ୍ମାଲ୍ ଦେଇକରି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଓଡ଼ିଆ ଭାଷା, ସଂସ୍କୃତି ଆଉ ସାହିତ୍ୟ କ୍ଷେତ୍ରଥି ତାଙ୍କର୍ ଅବଦାନ୍ ସବୁବେଲେ ସୁର୍ତା ରହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍ସରେ କହିଛନ୍ ।

ଅନ୍ତର୍ଜାତୀୟ ମହିଳା ଦିବସ୍ କର୍ମଶାଳା    ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ସମାଜ୍ ମଙ୍ଗଳ ବିଭାଗ୍ ତର୍ଫୁ ଅନ୍ତର୍ଜାତୀୟ ମହିଳା ଦିବସ୍ ଆଘୋନୁ ଗୁଟେ କର୍ମଶାଳାର୍ ଆୟୋଜନ୍ କରାଯାଇଛେ । ଜିଲ୍ଲା ସମାଜ୍ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ମହିଳା ଦିବସ୍ ଅବ୍ସରେ ହଉଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ବାବ୍ଦେ କହିଥିଲେ । କାର୍ଯ୍ୟକ୍ରମ୍ଥି ଅତିରିକ୍ତ ଜିଲ୍ଲାପାଲ୍ ସୁଧାଂଶୁ କୁମାର୍ ଭୋଇ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମହିଳାମାନେ କେନ୍ତାକରି  ସବୁ କ୍ଷେତ୍ର ନ ଆଗ୍କେ ବଢ଼ିପାର୍ବେ ସେ ବାବ୍ଦେ ବୁଝେଇଥିଲେ ।

ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ    ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ମୋଡ଼େଲ୍ ଡିଗ୍ରୀ ମହାବିଦ୍ୟାଳୟ ନ ଆଏବା ୨୭ ତାରିଖ୍ ଦିନ ବିକଶିତ ଭାରତ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । କାର୍ଯ୍ୟକ୍ରମ୍ଥି ଜିଲ୍ଲାର୍ ୧୮ ନୁ ୨୫ ବଛର୍ ବୟସର୍ ୨ ଶହ ଛାତ୍ରଛାତ୍ରୀ ଭାଗ୍ ନେବେ । ବିକଶିତ ଭାରତ ଜାତୀୟ ଯୁବ ସଂସଦ୍ଥି

'ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ବିଷୟବସ୍ତୁ ଉପ୍‌ରେ ପ୍ରତିଯୋଗୀମାନେ ନିଜର୍ ନିଜର୍ ମତାମତ୍ ଉପସ୍ଥାପନ୍ କର୍‌ବେ ।

ପୋଷ୍ ଆଇନ୍ ସଚେତନତା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତର୍‌ଫୁ ବାମଣ୍ଡା ଗାଁ ନ ଗୁଟେ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ କର୍ମକ୍ଷେତ୍ର ନ ମହିଳାଙ୍କୁ ଯୌନ ନିର୍ଯ୍ୟାତନା ନିରୋଧୀ ଆଇନ୍ ୨୦୧୩ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯାଇଥିଲା ।

ବିଭିଜିରାମ୍‌ଜୀ ସଚେତନତା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ବିକଶିତ ଭାରତ ଜିରାମ୍‌ଜି ଆଇନ୍ ଜନଜାଗରଣ୍ ଅଭିଯାନ୍ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଅତିଥି ମାନେ ନୂଆଁ ଆଇନ୍‌ର ଲାଭ୍ ବାବ୍‌ଦେ ଲୁକ୍‌କୁ ବୁଝେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ କ୍ଷେତ୍ର ପଶ୍ଚିମ-ଉତର୍ ପଶ୍ଚିମ୍ ଦିଗ୍‌କେ ମୁହେଁଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଇଟା ପୂର୍ବ ଦିଗ୍‌କେ ଯାଇକରି ଦୁର୍ବଲ୍ ହେଇପାରେ । ଲଘୁଚାପ୍ ପ୍ରଭାବ୍‌ଥି ଆଏଜ୍ ସମ୍ବଲ୍‌ପୁର୍ ସହେତେ ରାଜ୍ୟର୍ କେତେଟା ଜାଗା ନ ସାମାଏନ୍ ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ୍‌ଘଡ଼ି ସହେତେ ହାଲ୍‌କା ବର୍ଷା ଆଉ ପବନ୍ ନେଇକରି ୫ ଟା ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।